# NATIONAL NEWS BULLETIN (ODIA)
## 13 March - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପି.ଏମ୍. କିଶାନ ସମ୍ମାନନିଧି ଯୋଜନାର ୨୨ତମ କିସ୍ତି ଆଜି ଆସାମରୁ ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।
- ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସତ୍ତ୍ୱେ ବିନା ବାଧାରେ ଶକ୍ତି ଓ ସାମଗ୍ରୀର ପରିବହନ ସୁନିଶ୍ଚିତ କରିବା ଉପରେ ଇରାନ୍ ନିକଟରେ ଭାରତର ଗୁରୁତ୍ୱାରୋପ ।
- ଦେଶର ସୁରକ୍ଷା ଏବଂ ଆର୍ଥିକ ସ୍ୱାର୍ଥ ଦୃଷ୍ଟିରୁ ଭାରତୀୟ ମହାସାଗର ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ସରକାର, ଲୋକସଭାରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସୂଚନା ।

ଏବଂ

- ଚଳିତ ଆର୍ଥିକ ବର୍ଷ ଲାଗି ୨ ଲକ୍ଷ ୮୧ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅତିରିକ୍ତ ଖର୍ଚ୍ଚ ଦାବି ଆଜି ଲୋକସଭାରେ ଅନୁମୋଦିତ ।

# ପିଏମ୍-କିଶାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପି.ଏମ୍. କିଶାନ ସମ୍ମାନନିଧି ଯୋଜନାର ୨୨ତମ କିସ୍ତି ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ପ୍ରକ୍ରିୟାରେ ପ୍ରଦାନ କରିଛନ୍ତି । ଦୁଇ ଦିନିଆ ଆସାମ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଆଜି ଗୌହାଟୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ୯ କୋଟି ୩୨ ଲକ୍ଷ କୃଷକଙ୍କ ବ୍ୟାଙ୍କ୍ ଖାତାକୁ ଏହି କିସ୍ତି ବାବଦରେ ୧୮ ହଜାର ୬୪୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଆଜିର କିସ୍ତି ପରେ ଏହି ଯୋଜନା ଅଧୀନରେ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ପ୍ରଦାନ କରାଯାଇଥିବା କିସ୍ତିର ପରିମାଣ ୪ ଲକ୍ଷ ୨୭ ହଜାର କୋଟି ଟଙ୍କା ଅତିକ୍ରମ କରିଛି । ଏହି ସମାରୋହରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୧୯ ହଜାର ୬୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଲୋକାର୍ପଣ କରିଛନ୍ତି । ଏହାଛଡ଼ା ଯୋଗ୍ୟ ଚା’ ବଗିଚା ଶ୍ରମିକମାନଙ୍କୁ ଶ୍ରୀ ମୋଦୀ ଜମି ପଟା ହସ୍ତାନ୍ତର କରିଛନ୍ତି । ଆସନ୍ତାକାଲି ପ୍ରଧାନମନ୍ତ୍ରୀ ସିଲ୍‌ଚର ଗସ୍ତ କରି ସେଠାରେ ପ୍ରାୟ ୨୩ ହଜାର ୫୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍-ଆସାମ ଭିଜିଟ୍

ବୋଡୋ ଟେରିଟୋରିଆଲ୍ ପରିଷଦର ସାମଗ୍ରୀକ ବିକାଶ ଲାଗି ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି ।

ଆଜି ତାଙ୍କର ଆସାମ ଗସ୍ତ ଅବସରରେ ଶ୍ରୀ ମୋଦୀ ଗୌହାଟୀରୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ କୋକରାଝରେ ଠାରେ ୪ହଜାର ୫୭୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର  ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଉଦ୍‌ଘାଟନ କରି ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ବୋଡୋ ଟେରିଟୋରିଆଲ୍ ପରିଷଦର ଦ୍ରୁତ ବିକାଶ ଲାଗି ୧୫୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଗତ ଦଶନ୍ଧି ଦଶନ୍ଧି ଧରି ବୋଡୋ ଅଞ୍ଚଳରେ କେବଳ ହିଂସା ଓ ରକ୍ତପାତ ଭଳି ଘଟଣା ଘଟିଥିବା ବେଳେ ବର୍ତ୍ତମାନ ସେଠାରେ ଅଭିବୃଦ୍ଧି ଏବଂ ସ୍ଥିରତାର ଏକ ନୂତନ ଯୁଗ ଆରମ୍ଭ ହୋଇଛି ।

ଏହି ସମୟ ମଧ୍ୟରେ ହଜାର ହଜାର ଯୁବବର୍ଗ ଅସ୍ତ୍ର ତ୍ୟାଗ କରିବା ସହିତ ଆତ୍ମସମର୍ପଣ କରି ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି । ବୋଡୋ ସମ୍ପ୍ରଦାୟର ବିଶ୍ୱାସ ଏବଂ ପରମ୍ପରା ଜାତୀୟ ସ୍ତରରେ ମାନ୍ୟତା ପାଇବ ବୋଲି ତାଙ୍କ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ଦୋହରାଇଛନ୍ତି ।

**VO-1-PM--BODOLAND**

ଏହି ଅବସରରେ ପ୍ରଧାନମନ୍ତ୍ରୀ ଭର୍ଚୁଆଲ୍ ମାଧ୍ୟମରେ ସେଠାରେ ବିଭିନ୍ନ ଗମନାଗମନ କ୍ଷେତ୍ର ସମ୍ପର୍କିତ ଭିତ୍ତିଭୂମି ପ୍ରକଳ୍ପ ଲାଗି ଶିଳାନ୍ୟାସ କରିଛନ୍ତି । ସେହିଭଳି ତିନୋଟି ନୂତନ ଟ୍ରେନ୍ ଚଳାଚଳର ଶୁଭାରମ୍ଭ ମଧ୍ୟ କରିଛନ୍ତି । ଏହିସବୁ ବିକାଶ ମୂଳକ ପ୍ରକଳ୍ପର ସୁଫଳ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି –

**VO-2-PM**

# ଗଭ୍ ବ୍ରିଫିଂ–ଓ୍ୱେ ଏସିଆ

ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସତ୍ତ୍ୱେ ବିନା ବାଧାରେ ଶକ୍ତି ଓ ସାମଗ୍ରୀର ପରିବହନ ବ୍ୟବସ୍ଥା ଉପରେ ଭାରତ ଇରାନ୍ ନିକଟରେ ଗୁରୁତ୍ୱାରୋପ କରିଛି । ଆଜି ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧିର ଜୟସ୍ୱାଲ ଏହା କହିଛନ୍ତି । ସେ କହିଛନ୍ତି, ଗତ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇରାନ୍ ରାଷ୍ଟ୍ରପତି ଡକ୍ଟର ମାସୌଦ୍ ତେଜେସ୍କିଆନ୍ଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବିଶେଷ କରି ଇରାନ୍ ସମେତ ପଶ୍ଚିମ ଏସିଆରେ ବସବାସ କରୁଥିବା ଭାରତୀୟ ନାଗରୀକଙ୍କର ସୁରକ୍ଷା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

ତେବେ କୂଟନୀତି ଏବଂ କଥାବାର୍ତ୍ତା ମାଧ୍ୟମରେ ସେଠାରେ ସୃଷ୍ଟ ସ୍ଥିତିର ସମାଧାନ ଉପରେ ଭାରତ ନିଜର ପ୍ରତିବଦ୍ଧତା ଦୋହରାଇଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

**VO-2-RANDHIR-JAISWAL-ON-PM-TALK**

ଶ୍ରୀ ଜୟସ୍ୱାଲ କହିଛନ୍ତି, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟରେ ସ୍ଥାପନ କରାଯାଇଥିବା ନିୟନ୍ତ୍ରଣ କକ୍ଷରେ ଆଜି ସୁଦ୍ଧା ୯୦୦ଟି ଫୋନ୍‌କଲ ଏବଂ ୨୦୦ଟି ଇ-ମେଲ୍ ହସ୍ତଗତ ହୋଇଛି । ଏହି ସବୁ ସମସ୍ୟାର ସମାଧାନ ଦିଗରେ ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ଗତ କିଛି ଦିନ ମଧ୍ୟରେ ୧୭୦ ଜଣ ଭାରତୀୟ ନାଗରୀକ ଇରାନ୍‌ର ସୀମା ଅତିକ୍ରମ କରି ଆର୍‌ମେନିଆରେ ପହଞ୍ଚିଛନ୍ତି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

## ଜୟଶଙ୍କର

ଦେଶର ସୁରକ୍ଷା ଏବଂ ଆର୍ଥିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଭାରତୀୟ ମହାସାଗର ଅଞ୍ଚଳ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଭାରତ ମହାସାଗର ଅଞ୍ଚଳ ସମେତ ବିଭିନ୍ନ ଦେଶଗୁଡ଼ିକ ସହିତ

ଭାରତର ସୁ-ସମ୍ପର୍କ ରହି ଆସିଛି । ଅନ୍ୟ ଦେଶ ସହିତ ଏହି ଦେଶଗୁଡ଼ିକର ସମ୍ପର୍କ ନିର୍ବିଶେଷରେ ସେମାନଙ୍କର ଭାରତ ସହିତ ସୁ-ସମ୍ପର୍କ ମଜବୁତ ରହିଛି । ପଡ଼ୋଶୀ ପ୍ରଥମ ନୀତି, ଆକ୍ଟ ଇଷ୍ଟ ପଲିସି ଏବଂ ମହାସାଗର ଭିଜନ୍‌କୁ ଦୃଷ୍ଟିରେ ରଖି ଭାରତ ଏହି ପଡ଼ୋଶୀ ଦେଶଗୁଡ଼ିକ ସହିତ ଆଞ୍ଚଳିକ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛି ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ଏଲ୍‌ଏସ୍‌-ସୀତାରମଣ

୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଦ୍ୱିତୀୟ ପର୍ଯ୍ୟାୟ ଅତିରିକ୍ତ ଖର୍ଚ୍ଚ ଦାବିକୁ ଆଜି ଲୋକସଭାରେ ଅନୁମୋଦନ କରାଯାଇଛି । ଏହାଦ୍ୱାରା ସରକାର ୨ ଲକ୍ଷ ୮୧ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅତିରିକ୍ତ ଖର୍ଚ୍ଚ ଦାବିକୁ ଗୃହରେ ଅନୁମୋଦିତ କରାଇଛନ୍ତି । ଏହି ଅତିରିକ୍ତ ଅର୍ଥରାଶି ମୁଖ୍ୟତଃ ସାର, ଖାଦ୍ୟ ସାମଗ୍ରୀ ଉପରେ ରିହାତି, ପ୍ରତିରକ୍ଷା ସେବା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିନିଯୋଗ କରାଯିବ ।

ଗୃହରେ ଏ ସମ୍ପର୍କରେ ହୋଇଥିବା ଆଲୋଚନାର ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, କେନ୍ଦ୍ର ସରକାର ଦେଶର ସାମଗ୍ରୀକ ଅର୍ଥନୈତିକ ଢାଞ୍ଚାଗତ ଭିତ୍ତିଭୂମିକୁ ଅଧିକ ସଶକ୍ତ କରିଛନ୍ତି ।

ଏହାଦ୍ୱାରା ବିଭିନ୍ନ ପ୍ରତିକୂଳ ସ୍ଥିତି ସତ୍ତ୍ୱେ ଦେଶର ଆର୍ଥିକ ପ୍ରଗତିରେ କୌଣସି ବାଧା ଉପୁଜିବ ନାହିଁ ବୋଲି ଅର୍ଥମନ୍ତ୍ରୀ ସୁନିଶ୍ଚିତ କରିଛନ୍ତି । ସେ କହିଛନ୍ତି, ବିଶ୍ୱସ୍ତରରେ ଦେଖାଦେଇଥିବା ବିଭିନ୍ନ ଆର୍ଥିକ ଆହ୍ୱାନର ସଫଳ ମୁକାବିଲା ଲାଗି ସରକାର ୫୭ ହଜାର ୩୮୧ କୋଟି ଟଙ୍କାର ଏକ ଅର୍ଥନୈତିକ ସ୍ଥିରତା ପାଣ୍ଠି ସ୍ଥାପନ କରିବା ଲାଗି ପ୍ରସ୍ତାବ ଦେଇଛନ୍ତି ।

ଏହାଦ୍ୱାରା ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ସମ୍ଭାବନାକୁ ସଫଳତାର ସହ ମୁକାବିଲା କରିବା ସହିତ ଅର୍ଥନୈତିକ କ୍ଷେତ୍ରରେ ଅପ୍ରତ୍ୟାଶିତ ପ୍ରତିବନ୍ଧକଗୁଡ଼ିକୁ ମଧ୍ୟ ପ୍ରତିହତ କରିବାରେ ସହାୟକ ହେବ । ଏଥିସହିତ ଆସନ୍ତା ମାସ ୧ ତାରିଖରୁ ଦେଶ ବ୍ୟାପି କାର୍ଯ୍ୟକାରୀ ହେବାକୁ ଥିବା ଭିବିଜି ରାମଜୀ ଆଇନ୍ ଅଧୀନରେ ଅତିରିକ୍ତ ୩୦ ହଜାର କୋଟି ଟଙ୍କା ମଧ୍ୟ ମଞ୍ଜୁର କରାଯାଇଛି ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି । ଏହା ପରେ ଗୃହକୁ ଆସନ୍ତା ସୋମବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

## ଲଦାଖ

ଦିଲ୍ଲୀର ପୂର୍ବତନ ଉପରାଜ୍ୟପାଳ ବିନୟ କୁମାର ସକସେନା ଆଜି ଲଦାଖର ଚତୁର୍ଥ ଉପରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଛନ୍ତି । ସ୍ଥାନୀୟ କେନ୍ଦ୍ରୀୟ ବୌଦ୍ଧିକ ଶିକ୍ଷା ପ୍ରତିଷ୍ଠାନରେ ଆୟୋଜିତ ଏକ ସ୍ୱତନ୍ତ୍ର

ସମାରୋହରେ ଜାମ୍ମୁ କାଶ୍ମୀର ଓ ଲଦାଖର ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରୁଣ ପାଲ୍ଲି ଶ୍ରୀ ସାକସେନାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ପରେ ସାମ୍ବାଦିକମାନଙ୍କୁ ଶ୍ରୀ ସକସେନା କହିଛନ୍ତି, ପର୍ଯ୍ୟଟନ କ୍ଷେତ୍ରରେ ଲଦାଖର ଅପର୍ଯ୍ୟାପ୍ତ କ୍ଷମତା ରହିଛି । ଦେଶର ଏକ ସର୍ବୋତ୍ତମ ପର୍ଯ୍ୟଟନ କ୍ଷେତ୍ର ତଥା ସୁନ୍ଦର ସ୍ଥାନ ରୂପେ ଲଦାଖକୁ ବିକଶିତ କରିବା ଦିଗରେ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ସକସେନା କହିଛନ୍ତି ।